ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ମେ, ୨୦୨୩



## ସଂକ୍ଷେପରେ

### ୯୮ ପ୍ରତିଶତ ରଖି ସିଦ୍ଧିପ୍ରଦ ଭଞ୍ଜନଗର ଟପ୍ପର



ଭଞ୍ଜନଗର, ୧୩ା୫ (ଡି.ଏନ୍.ଏ.)- ଶୁକ୍ରବାର ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା। ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ସିଦ୍ଧିପ୍ରଦ ପରମଗୁରୁ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ରଖି ଭଞ୍ଜନଗର ଟପ୍ପର ହୋଇଛନ୍ତି। ସିଦ୍ଧିପ୍ରଦଙ୍କ ଘର ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡିରେ। ତାଙ୍କ ପିତା ପ୍ରଦୀପ କୁମାର ପରମଗୁରୁ ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଥିବା ବେଳେ ମା' ଏସ୍. ସୁଆର ଚାକୁଣ୍ଡାପଲ୍ଲୀରେ ଶିକ୍ଷୟିତ୍ରୀ ଅଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାସ୍ ହାର ୯୨.୨୭%



ବୁଗୁଡ଼ା,୧୩ା୫( ଡି.ଏନ.ଏ.)- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ( ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ବୁଗୁଡା ବ୍ଲକର ଗୋଲିଆ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୭୨ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲା ବେଳେ ୯୨.୨୭% ପାସ ହାର ରହିଛି ଏବଂ ଛାତ୍ରୀ ଜି.ଶ୍ରଦ୍ଧାସୁମନ ଦୋରା ୪୫୭(୯୧.୪%) ନମ୍ବର ରଖି ବିଦ୍ୟାଳୟ ଟପ୍ପର ରୂପେ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରଦ୍ଧାସୁମନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବ୍ରେକ୍ ଡ୍ୟାନ୍ସ ଖେଳରେ ଅଘଟଣ, ଜଣେ ମୃତ

ବୁଗୁଡ଼ା,୧୩ା୫(ଡି.ଏନ.ଏ.):ବୁଗୁଡ଼ା ଠାକୁରାଣୀ ଯାତ୍ରାର ଶେଷ ଦିନରେ ବ୍ରେକ୍ ଡ୍ୟାନ୍ସ ଖେଳ ଚାଲିଥିବା ବେଳେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମୟୁରଭଞ୍ଜ ଜିଲାର କୁନୁ ମୁଣ୍ଡା(୨୦)। ଠାକୁରାଣୀ ଯାତ୍ରା କାଳରେ ମୀନାବଜାର ଓ ଅନ୍ୟାନ୍ୟ ଖେଳ ସାଙ୍ଗକୁ ବ୍ରେକ୍ ଡ୍ୟାନ୍ସ ଖେଳ ମଧ ପଡିଥିଲା। ଦୋଲିଖେଳ ପକାଇ ଥିବା ସଂସ୍ଥାର କର୍ମଚାରୀ କୁନୁ ବ୍ରେକ୍ ଡ୍ୟାନ୍ସ ଖେଳ ଦାୟିତ୍ୱରେ ଥିଲେ। ଖେଳ ଚାଲିଥିଲା ସମୟରେ ସେ ଅସାବଧାନତା ବଶତଃ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା।

### ଋଷିକୁଲ୍ୟାରେ ବୁଡ଼ି ନାବାଳକ ମୃତ

ପୁରୁଷୋତ୍ତମପୁର,୧୩ା୫(ଡି.ଏନ.ଏ.): ପୁରୁଷୋତ୍ତମ ପୁର ସହର ଦେଇ ଯାଇଥିବା ଋଷିକୁଲ୍ୟାନଦୀରେ ଶନିବାର ଗାଧୋଇବା ବେଳେ ପାଣିରେ ବୁଡିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ଶୁଶାନ୍ତ ସେଠୀଙ୍କ ପୁଅ ପବିତ୍ର (୯)। ପବିତ୍ର ପୁରୁଷୋତ୍ତମପୁର ନନ୍ଦିକ ସାହି ରେ ଥିବା ମାମୁ ଘରକୁ ବୁଲିବାକୁ ଆସିଥିଲେ। ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସହ ନଦୀକୁ ଯାଇଦେଖି ପାଣି ମଧରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ଏସ୍ ଆଇ ଶୁଶାନ୍ତ କୁମାର ମିଶ୍ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତ ଦେହକୁ ଜବତ କରି ନଂ. ୧୨/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବୁଗୁଡ଼ା, ୧୩ା୫(ଡି.ଏନ.ଏ.): ସ୍ଥାନୀୟ ପିପୁଲ୍ସ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଶୈବପୀଠ ବୁଢଖୋଲ ପାଦଦେଶରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ପ୍ରଦୀପ କୁମାର ଦାଶ ଅଧକ୍ଷତା କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧାପକ ହିମାଂଶୁ ଶେଖର ରଥଙ୍କ ଅଧାପକ ସମେତ ସଞ୍ଜୟ କୁମାର ପ୍ରଧାନ, କିଶୋର ଚନ୍ଦ୍ର ଶବର ଓ ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭାଗୀୟ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଟ୍ରେଜେରି ଷ୍ଟ୍ରଙ୍ଗରୁମ୍ ଛାତ, କାନ୍ଥରେ ଫାଟ

## ସରକାରୀ ସମ୍ପତ୍ତି ନିରାପଦ ଥିବା ନେଇ ସନ୍ଦେହ

ଛତ୍ରପୁର, ୧୩ା୫(ଡି.ଏନ୍.ଏ):

ଗଞ୍ଜାମ ଜିଲା ମୁଖ୍ୟାଳୟ ଛତ୍ରପୁରରେ ଥିବା ଜିଲା ଟ୍ରେଜେରି ଅଫିସର ଷ୍ଟ୍ରଙ୍ଗରୁମ ବିପଦଶଙ୍କୁଳ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ରହିଛି। ଅଫିସ ଷ୍ଟ୍ରଙ୍ଗରୁମର କାନ୍ଥ ଓ ଛାତର ବିଭିନ୍ନ ସ୍ଥାନରେ ଫାଟ ଦେଖାଦେଲାଣି। ଏପରିକି ବର୍ଷା ଦିନେ ହେଉ ଅବା କାଳ ବୈଶାଖୀରେ ବର୍ଷା ପାଣି ଫାଟ ଦେଇ ଘର ଭିତରକୁ ପ୍ରବେଶ କରୁଛି। ଫଳରେ ଷ୍ଟ୍ରଙ୍ଗ ରୁମରେ ଥିବା ସରକାରୀ ସମ୍ପତି ପ୍ରତି ବିପଦ ଆଶଙ୍କା ଦେଖାଦେଉଛି । ସୂଚନାଯୋଗ୍ୟ ଉକ୍ତ ଟ୍ରେଜରୀ ଅଫିସର ଷ୍ଟ୍ରଙ୍ଗରୁମରେ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଠାରୁ ଆରମ୍ଭ କରି ହାତୀ ଦାନ୍ତ, ଷ୍ଟାମ୍ପ ଆଦି ବିଭିନ୍ନ ସରକାରୀ ସମ୍ପତି ଗଚ୍ଛିତ ରଖାଯାଇଥାଏ। ଏଠାରେ ୨୪ ଘଣ୍ଟିଆ ପୋଲିସ କର୍ମଚାରୀ ମୁତୟନ ସହ ସିସି କ୍ୟାମେରା ଲଗାଯାଇଛି। କିନ୍ତୁ ଟ୍ରେଜେରୀ ଅଫିସ ଷ୍ଟ୍ରଙ୍ଗରୁମରେ ଥିବା ସରକାରୀ ସମ୍ପତି ଆଦୌ ନିରାପଦ ନଥିବା ଜଣାପଡିଛି। ଆହୁରି ଜଣାଯାଇଛି ଯେ ଟ୍ରେଜରୀ ଅଫିସର ଷ୍ଟ୍ରଙ୍ଗରୁମକୁ ଯିବାକୁ ଥିବା ପାସେଜ ମଧ ଭାଙ୍ଗିରୁଜି ଯାଇଛି। ଏହା ପୁରୁଣା ହୋଇଥିବାରୁ ଏଠାରୁ ଲିକ୍ କରୁଛି। କିଛି ଦିନ ପୂର୍ବେ ଏହାର ମରାମତି କରାଯାଇଥିଲା। ମାତ୍ର ଏବେ ସେଠାରୁ ଲିକ୍ ହେଉଛି। ଷ୍ଟ୍ରଙ୍ଗରୁମ ଓ ପାସେଜ ମରାମତି ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହା ମରାମତି କରିବାକୁ ଗଞ୍ଜାମ ଟ୍ରେଜେରି ଅଫିସରଙ୍କ ପକ୍ଷରୁ ୨ ତାରିଖରେ ଏକ ଚିଠି (୧୦୭୫) ବ୍ରହ୍ମପୁରସ୍ଥିତ ଗଞ୍ଜାମ ଆରଏବି -୨ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲେଖାଯାଇଛି। ଷ୍ଟ୍ରଙ୍ଗରୁମର ଛାତ ଓ କାନ୍ଥରୁ ପାଣି ଗଳୁଥିବାରୁ ସରକାରୀ ସମ୍ପତି ଓ ଷ୍ଟାମ୍ପ ବକ୍ସଗୁଡିକୁ ଅନ୍ୟତ୍ର ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡୁଛି। ତେବେ ବହୁ ସରକାରୀ ସମ୍ପତି ଗଚ୍ଛିତ ଥିବାରୁ ସ୍ଥାନ ଅଭାବ ରହୁଛି। ଏହାର ଯାଞ୍ଚ କରି ଷ୍ଟ୍ରଙ୍ଗରୁମର ମରାମତି କରିବାକୁ ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ଛତ୍ରପୁରସ୍ଥିତ ଗଞ୍ଜାମ ଟ୍ରେଜେରୀ ଅଫିସର ପ୍ରଥମ ମହଲାରେ ୫୦ ସିଟ୍ ବିଶିଷ୍ଟ ଏକ ସମ୍ମିଳନୀ ଗୃହ ରହିଛି। ସେଠାରେ ପ୍ରୋଜେକ୍ଟର ସୁବିଧା ଅଛି । ଏଠାରେ ଜିଲାର ସମସ୍ତ ସରକାରୀ ଅଫିସମାନଙ୍କର ଡିଡିଓମାନଙ୍କୁ ତାଲିମ ନିୟମିତ ଦିଆଯାଇଥାଏ। ମାତ୍ର ଉକ୍ତ ସମ୍ମିଳନୀ ଗୃହରେ ପାଇଖାନାର ସୁବିଧା ନାହିଁ। ଏଠାକୁ ଆସୁଥିବା ଡିଡିଓମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ପାଇଖାନା ନିର୍ମାଣର ଆବଶ୍ୟକତା ରହିଛି ଏବଂ ଏହା ନିର୍ମାଣ ପାଇଁ ଅନୁରୋଧ କରାଯାଇଛି। ଆହୁରି ଜଣାଯାଇଛି ଯେ, ପୁରୁଣା ହୋଇଥିବାରୁ ଟ୍ରେଜେରି ଅଫିସର ପାଚେରି ମଧ ଭାଙ୍ଗିରୁଜି ଗଲାଣି। ଏଠାରେ ପାର୍କିଂ ସୁବିଧା ନଥିବାରୁ ଗାଡ଼ି ପାର୍କିଂ ଅନ୍ୟ ସ୍ଥାନମାନଙ୍କରେ କରିବାକୁ ପଡୁଛି। ଫଳରେ ଗାଡ଼ିଗୁଡିକ ସୁରକ୍ଷିତ ରହୁନି। ଏହିସବୁ ଉପରେ ପଦକ୍ଷେପ ନେବାକୁ ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ମଧ ଚିଠି ଦ୍ୱାରା ଟ୍ରେଜେରୀ ଅଫିସର ଅବଗତ କରିଛନ୍ତି।

# ଲୋକ ଅଦାଲତରେ ୧୧୭ ମାମଲାର ଫଇସଲା



ଲୋକ ଅଦାଲତରେ ମାମଲାର ଶୁଣାଣି ହେଉଛି ।

ଭଞ୍ଜନଗର,୧୩ା୫(ଡି.ଏନ୍.ଏ.)

ଭଞ୍ଜନଗର ତାଲୁକ୍ ଆଇନସେବା କମିଟି ପକ୍ଷରୁ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକ, ଏଡିଜେ ସୋମଲିନ ମିଶ୍ର, ଏସ୍‌ଡିଜେଏମ୍ ଅମିତ୍ କୁମାର, ଜେଏମ୍‌ଏଫ୍‌ସି ସନ୍ଧ୍ୟା ସୁଚରିତା ଯୋଗଦେଇ ମାମଲାଗୁଡିକର ବିଚାର କରିଥିଲେ। ଲୋକ ଅଦାଲତ ବେଞ୍ଚ୍ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସୋମନାଥ ନାୟକ, ତାଲୁକ ଆଇନସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ଆଇନଜୀବୀ ସନ୍ତୋଷ କୁମାର ତିଆଡ଼ି, ବଂଶୀଧର ପ୍ରଧାନ, ଦେବୀ ପ୍ରସାଦ ତ୍ରିପାଠୀ, ସମୀର ନାୟକ, କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନୀଲ ମୁଦୁଲି, ଟିବି ପଟ୍ଟନାୟକ, ଅଞ୍ଜନ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଅବସରରେ ୧୧୭ ମାମଲା ଫଇସଲା କରାଯାଇଥିଲା।

# ଆମ୍ବ, ପଣସ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୩ା୫

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଗାଗଡପଦରରେ ଆମ୍ବ ଏବଂ ପାଙ୍ଗା ଉପରସାହି ପଞ୍ଚାୟତ କଲାଡିଠାରେ ପଣସ ପ୍ରକ୍ରିୟାକରଣ କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଡିଓ ରଶ୍ମିରଞ୍ଜନ ମହନ୍ତ ଯୋଗଦେଇ ଉଭୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରକ୍ରିୟାକରଣ ପାଇଁ ମେଶିନ ଯୋଗାଇ ଦିଆଯାଇଛି। ଆମ୍ବ ଏବଂ ପଣସରୁ ବିଭିନ୍ନ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରି ଏସ୍‌ଏଚ୍‌ଜିଗୁଡ଼ିକ ବିକ୍ରି କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ। ଆଗାମୀ ଦିନରେ ଏଭଳି ଆହୁରି ପ୍ରୋଜେକ୍ଟ କରାଯିବ ବୋଲି ସୂଚନା ଦିଆଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଙ୍ଗା ଉପରସାହି ସରପଞ୍ଚ ରଶ୍ମିତା କହଁର, ସୁମରବନ୍ଧ ସମିତିସଭ୍ୟା ସୁଶାନ୍ତି କହଁର, ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ପି.ମୁରଲୀ ମୋହନ, ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ, ବିପିଏମ ସଂଗ୍ରାମ କେଶରୀ ସାହୁ, ବିପିସି ବାଦଲ କୁମାର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ପ୍ରକ୍ରିୟାକରଣ ମେଶିନ ।

### ୭୨ ମାମଲା ଫଇସଲା

ଆସିକା,୧୩ା୫ (ଡି.ଏନ.ଏ)

ଆସିକା ସ୍ଥିତ ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଅଦାଲତରେ ବିଚାର ଲାଗି ଆଗତ ୫୯୧ ମାମଲା ମଧ୍ୟରୁ ୭୨ଟି ମାମଲାର ଫଇସଲା କରାଯାଇ ୮୦ଲକ୍ଷ ୬୮ ହଜାର ୧୭୫ ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ୧୪ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୭୧ଲକ୍ଷ ୨୭ହଜାର ଟଙ୍କା, ୩ଟି ବୈବାହିକ ବିବାଦ ମାମଲାର ସମାଧାନ କରାଯାଇ ୨ଲକ୍ଷ ୫୭ହଜାର ୯୧୬ ଟଙ୍କା, ୬ଟି ଦେୱାନୀ ମାମଲାରେ ୬ଲକ୍ଷ ୩୮ହଜାର ୩୧୯ ଟଙ୍କା ଓ ଅନ୍ୟଦୁଇଟି ଦେୱାନୀ ମାମଲାରେ ୪୪ ହଜାର ୯୪୦ ଟଙ୍କା ଆଦାୟ କରାଯାଇଛି ଆସିକା ତାଲୁକା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନି ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା ପ୍ରମୁଖ ମାମଲା ପରିଚାଳନା କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

ଫୁଲବାଣୀ ଅଫିସ, ୧୩ା୫

ଫୁଲବାଣୀ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ମକଦ୍ଦମା ମାମଲା ମଧ୍ୟରୁ ୪୧ଟି ଅର୍ଥ ଅସୁଲି ମାମଲାରେ ୧୫ ଲକ୍ଷ ୮୭ ହଜାର ୯୮୬ ଟଙ୍କା, ୨୦ ସ୍ଥାୟୀ ଲୋକ ଅଦାଲତକୁ ନେଇ ବିବାଦ ମାମଲାରେ ୮୩ ହଜାର ୧୯୬ ଟଙ୍କା ଆଦାୟ କରାଯାଇଛି। ସେହିପରି ଅଦାଲତରେ ବିଚାରାଧୀନ ମାମଲାରୁ ୪ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୩ ଲକ୍ଷ ୬୭ ହଜାର ୫୯୭ ଟଙ୍କା, ୧୦ଟି ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ୧୮ଲକ୍ଷ ୩୭ ହଜାର ୫୦୦ ଟଙ୍କା, ବିଜୁଳି ଓ ପାଣି ବିଲ୍ ମାମଲା ଆଦି ସମ୍ପର୍କିତ ୨ଟିର ଫଇସଲା କରାଯାଇ ୯୬ ହଜାର ୮୧୧ ଟଙ୍କା, ୧୦ଟି ବୈବାହିକ ବିବାଦ ଫଇସଲା କରାଯାଇ ୧ ଲକ୍ଷ ୧୬ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୨୬୬ଟି ରାଜସ୍ୱ ମାମଲାର ବିଚାର କରାଯାଇ ୧୩ ହଜାର ୪୪୮ ଟଙ୍କା ଆଦାୟ ହୋଇଛି।

# ଗାନ୍ଧୀନଗରରେ ଜବରଦଖଲ ଉଚ୍ଛେଦ



ଗାନ୍ଧୀନଗରରେ ଜବରଦଖଲ ଉଚ୍ଛେଦ।

ବ୍ରହ୍ମପୁର ଅଫିସ,୧୩ା୫

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଶୁକ୍ରବାର ଗାନ୍ଧୀନଗର ତଳ ରାସ୍ତାରେ ରହିଥିବା ନିର୍ମାଣଧୀନ ଏକ ସୁଉଚ୍ଚ କୋଠାର ଚତୁଃପାର୍ଶ୍ୱରେ ରହିଥିବା ପାଚେରିକୁ ଭଙ୍ଗାଯାଇଛି। ଉକ୍ତ କୋଠାଟି ନିର୍ମାଣଧୀନ ଥିବାବେଳେ ରାସ୍ତା ଉପରେ ପାଚେରି ନିର୍ମାଣ କରାଯାଇଥିଲା, ଯାହା ବିଇଏମ୍‌ସି ରାସ୍ତାରେ ନିର୍ମାଣ ହୋଇଥିବା ନେଇ ସୂଚନା ପହଞ୍ଚିବା ପରେ ବିଇଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ କ୍ରମେ ରାସ୍ତା ପାର୍ଶ୍ୱରେ ପାଚେରିକୁ ଭଙ୍ଗାଯାଇଥିବା ବିଇଏମସି ପକ୍ଷରୁ ସୂଚନା ମିଳିଛି। ଜବର ଦଖଲ ଉଚ୍ଛେଦ ସମୟରେ ବିଇଏମସି ଏନଫୋର୍ସମେଣ୍ଟ ଟିମ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# କଳିଙ୍ଗ ସାହିତ୍ୟ ସମାଜର ସମ୍ବର୍ଦ୍ଧନା ସଭା



ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର ଅଫିସ୍, ୧୩ା୫

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସଭା ଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢି ପୌରହିତ୍ୟ କରିଥିଲେ। ସଭାରେ ନାଟ୍ୟକାର, ସାହିତ୍ୟିକ, ଶିକ୍ଷାବିତ ଓ ଚଳଚ୍ଚିତ୍ର ଅଭିନେତା ମେଜର ରମାରମଣ ପାଢ଼ୀ ଏବଂ କବୟିତ୍ରୀ, ଗାଳ୍ପିକା, ନାଟ୍ୟକାର, ନାଟ୍ୟ ଅଭିନେତ୍ରୀ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବାରୁ ଆନୁଷ୍ଠାନିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡ ହୃଷୀକେଶ ପଣ୍ଡା ଅତିଥିଙ୍କ ସୂଚନା ପ୍ରଦାନ କରିଥିଲେ। ମେଜର ପାଢ଼ୀ କହିଥିଲେ ଯେ, ୧୯୭୨ ମସିହାରୁ ନାଟକ ଲେଖାରେ ନିମଗ୍ନତା ଏଯାଏଁ ଚାଲିଛି। ଏଣୁ ଲେଖୁଥିବା ଯାଏଁ ବଞ୍ଚିଥିବି, ବଞ୍ଚିଥିବା ଯାଏଁ ଲେଖୁଥିବି ବୋଲି କହିଥିଲେ। ପୁଷ୍ପାଞ୍ଜଳି ପଟ୍ଟନାୟକ କହିଥିଲେ ଯେ, ଗାଁ ଇତିହାସ ନାମକ ପୁସ୍ତକ ରଚନାରୁ ସାହିତ୍ୟ ରଚନା ଆରମ୍ଭ କରି ନବାକ୍ଷରୀ ଛନ୍ଦରେ ରଚିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ରଚନା ବ୍ରହ୍ମଲୀଳା ସହ ୩୫ ଖଣ୍ଡରୁ ଅଧିକ ରଚନା ସମୂହ ଦୀର୍ଘ ବର୍ଷ ସାଧନାର ସିଦ୍ଧି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସମାଜର ଉପସଭାପତିଡ ବନମାଳୀ ପାଣିଗ୍ରାହୀ, କୋଷାଧକ୍ଷ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱର୍ଣ୍ଣପ୍ରଭା ମିଶ୍ର, କିରଣବାଳା ମିଶ୍ର, ଡ. ସଂଜୟ କୁମାର ପଣ୍ଡା, ଡ. ସୁଜିତ କୁମାର ପଣ୍ଡା, ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରିଚାଳନାରେ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ସହଯୋଗ କରିଥିଲେ।

# ବ୍ରାହ୍ମଣଦେବୀ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼



ବେଲଗୁଣ୍ଠା,୧୩ା୫:

ଗଞ୍ଜାମ ଜିଲାର ସଂସ୍କୃତି ସମ୍ପନ୍ନ ସହର ବେଲଗୁଣ୍ଠାରେ ଚାଲିଛି ଐତିହାସିକ ଦ୍ୱିବାର୍ଷିକ ମା' ବ୍ରାହ୍ମଣ ଦେବୀ ଯାତ୍ରା ମହୋତ୍ସବ। ବାଣ ପଟୁଆରରେ ବେଲଗୁଣ୍ଠା ସହର ଦୁଲୁକୁଥିବା ବେଳେ ନଗର ପରିକ୍ରମା ସମୟରେ ବେଶ ପଟୁଆର ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲକ୍ଷ୍ୟ କରାଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଦିନ ମା' ବେଲଗୁଣ୍ଠା ଆଗମନ କରିଥିଲେ। ମା'ଙ୍କ ବାପଘର କୋଳି ସାହି ତରଫରୁ ପ୍ରଥମ ନଗର ପରିକ୍ରମା ପରେ ବର୍ତ୍ତମାନ ମହୋତ୍ସବ କମିଟି ଓ ବିଭିନ୍ନ ସାହି ତରଫରୁ ନଗର ପରିକ୍ରମା ଆରମ୍ଭ ହୋଇଯାଇଛି। ପ୍ରତି ଦୁଇ ବର୍ଷରେ ଥରେ ଏହି ଯାତ୍ରା ହେଉଥିବାରୁ ବେଲଗୁଣ୍ଠା ସହରବାସୀ ମା'ଙ୍କ ଅଗମନକୁ ଉତ୍କଣ୍ଠାର ସହିତ ଚାହିଁ ରହିଥାନ୍ତି। ଏହି ଯାତ୍ରାର ବିଶେଷତ୍ୱ ଭାବେ ମା' ବ୍ରାହ୍ମଣ ଦେବୀ ସିଂହବାହିନୀ ବେଶରେ ନଗର ପରିକ୍ରମା କରିଥାନ୍ତି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଯାତ୍ରା କାର୍ଯ୍ୟକ୍ରମ ଆଗେଇ ଚାଲିଛି।

# ଚନ୍ଦନଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ରମ୍ଭା,୧୩ା୫:

ରମ୍ଭା ଚନ୍ଦନ ଯାତ୍ରା ଅନ୍ତିମ ଦିନରେ ଭଉଁରୀ ଯାତ୍ରା ମହାଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ମଦନମୋହନ ଓ ଚନ୍ଦ୍ରଶେଖରଙ୍କୁ ପାରମ୍ପରିକ ସହକାରେ ଜଗନ୍ନାଥ ମନ୍ଦିର ପାଲିଙ୍କିରେ ଉଭୟଙ୍କୁ କାନ୍ଧେଇ ଚନ୍ଦନ ପୋଖରୀକୁ ଅଣାଯାଇ ୨୧ ଥର ଚାପ ଖେଳ ପରେ ଶେଷ ହୋଇଛି। ସ୍ନାନ ଯାତ୍ରା ଦେଖିବା ପାଇଁ ସଂଖ୍ୟାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା। ସାହି ବସ୍ତି ପରିଭ୍ରମଣ ସମୟରେ ଶ୍ରୀ ଜୀଉଙ୍କୁ ପୂଜା ସାମଗ୍ରୀ ବଢ଼ାଯାଇ ପୂଜାର୍ଚ୍ଚନା ସାଙ୍ଗକୁ ସ୍ଥାନେ ସ୍ଥାନେ ହୁଳହୁଳିରେ ସହର କମ୍ପି ଉଠୁଥିଲା। ଶିଶୁ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ, ବାରମାସୀ ଦଣ୍ଡ, ଗାହାଣି, ଭାରତ ଲୀଳା, ଘୁଡୁକି, ଅପେରା, ବାଡ଼ିଖେଲ, ଗୋଟିପୁଅ ନାଚ, ଛକ ଜାଗାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପହଣ୍ଡି ସମୟରେ ମାନସିକ ବେଶଧାରୀ ହନୁମାନ, ରାଧାକୃଷ୍ଣମୂର୍ତ୍ତି , ଭୀମ ଦୁଃଶାସନ ଯୁଦ୍ଧ, କର୍ଣ୍ଣାର୍ଜୁନ ଯୁଦ୍ଧ, ଦାନବୀର ହରିଶ୍ଚନ୍ଦ୍ର, କାଳୀ ଜ୍ୱାଳା କାଳୀ ମୁଖ୍ୟ ଆକର୍ଷଣ ପାଲଟିଥିଲା। ନେତାଜୀ ଯୁବ ପରିଷଦ ପକ୍ଷରୁ ସଦାନନ୍ଦ ନାୟକଙ୍କ ନେତୃତ୍ୱରେ ରାଜୁପାତ୍ର, ଅଧୀର ନାୟକ, ସିଦ୍ଧାର୍ଥ ଶଙ୍କର, କ୍ଷେତ୍ର ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ରମ୍ଭା ସହର ଜନ ସମୁଦ୍ର ଭିତରେ ବୁଡି ରହିଥିଲା।



ଠାକୁରଙ୍କ ପରିକ୍ରମା ।

# ବାଲିଗୁଡ଼ା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ବାଲିଗୁଡା,୧୩ା୫(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଐତିହାସିକ ଠାକୁରାଣୀ ଯାତ୍ରା ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୁଲ୍ୟରେ ଏପ୍ରିଲ ୨୩ ତାରିଖଠାରୁ ଆରମ୍ଭ ହୋଇ ଚଳିତ ମାସ ୧୩ ତାରିଖ ଦୀର୍ଘ ୨୧ ଦିନ ଧରି ଆୟୋଜିତ ହେବା ପରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମା' ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ଅସ୍ଥାୟୀ ପୀଠରେ ଆୟୋଜକ ସମିତି ଦ୍ୱାରା ଶନିବାର ମା' ମାନଙ୍କର ଘଟକୁ ସୁସଜିତ କରାଯାଇଥିଲା। ସକାଳ ଓ ସନ୍ଧ୍ୟା ଆଳତୀ ପରେ ପରେ ଭକ୍ତ ମାନଙ୍କୁ ମା' ଦର୍ଶନ ଦେଇ ୨୧ ଦିନର ଏହି ଯାତ୍ରାକୁ ଶ୍ରଦ୍ଧାଳୁଙ୍କଠାରୁ ମେଲାଣି ନେଇ ପଞ୍ଚ ଠାକୁରାଣୀ ନିଜନିଜ ମନ୍ଦିରକୁ ଫେରିଛନ୍ତି। ପୂର୍ବାହ୍ନରେ ଅସ୍ଥାୟୀ ପୀଠରେ ପାରମ୍ପରିକ ରୀତିନୀତି ପ୍ରକାରେ ମା' ମାନଙ୍କ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ୧୦୮ ଆଳତୀ, ପୂର୍ଣ୍ଣାହୁତି, ସଙ୍କୁଡ଼ି ଭୋଗ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା' ମାନଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ବ୍ୟାପକ ଆତସବାଜି ଫୁଟାଇବା ସହ ଅନେକ ପଟୁଆରରେ ମା 'ଙ୍କ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ପ୍ରତିଦିନର ନଗର ପରିକ୍ରମା ଓ ଅସ୍ଥାୟୀ ମନ୍ଦିରରେ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ମଧ ହେଉଥିଲା। ଭକ୍ତ ଓ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଆୟୋଜକ ସମିତି ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିଲା। ତେବେ ଦୀର୍ଘ ୨୧ ଦିନ ଧରି ଆୟୋଜିତ ଏହି ଯାତ୍ରା ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହ ପରିସମାପ୍ତି ଘଟିଥିବା ବେଳେ ସହରବାସୀ, ପରିଚାଳନା କମିଟି, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ସକ୍ରିୟ ସହଯୋଗରେ ସଫଳତାର ସହ ସମାପନ ହୋଇଥିଲା।



ନିଜ ମନ୍ଦିରକୁ ଫେରୁଛନ୍ତି ମା' ପଞ୍ଚ ଠାକୁରାଣୀ।

# ବ୍ରହ୍ମପୁରରେ ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ଉଦ୍‌ଘାଟିତ

## ଗଞ୍ଜାମ, ଗଜପତି, କନ୍ଧମାଳ ଓ ନୟାଗଡ଼ର ଜୁଡିସିଆଲ ଅଫିସର ନେଲେ ତାଲିମ

ବ୍ରହ୍ମପୁର ଅଫିସ,୧୩ା୫

ଗଞ୍ଜାମ ଜିଲା ବ୍ରହ୍ମପୁର ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ଶନିବାର ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ପରିସରରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ନୟାଗଡ଼ ଜିଲାର ୨୫ ଜୁଡିସିଆଲ ଅଫିସର ତାଲିମ ନେଇଛନ୍ତି। ସେମାନଙ୍କୁ ମାଷ୍ଟର ଟ୍ରେନରମାନେ ତାଲିମ ଦେଇଥିଲେ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ।

ଜୁଡିସିଆଲ ଏକାଡେମୀ କଟକ ପରିସରରୁ ଆଭାସି ମାଧ୍ୟମରେ ସୁପ୍ରିମକୋର୍ଟ ବିଚାରପତି ଏହାକୁ ଉଦ୍‌ଘାଟନ କରିଥିଲେ। ଆଭାସିରେ ଉଦ୍‌ଘାଟନ ହେବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଉପସ୍ଥିତ ଥିଲେ। ଏହାସହ ଜଷ୍ଟିସ ସୁବାଶିଷ ତଳପତ୍ର,



ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ।

ଜଷ୍ଟିସ ଅରିନ୍ଦମ ସିହ୍ନା, ଜଷ୍ଟିସ ବିଶ୍ୱନାଥ ରଥ, ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ମୃଗଙ୍କ ଶେଖର ସାହୁ, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ମୁରାହରି ଶ୍ରୀରମଣ, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ ସଙ୍ଗମ କୁମାର ସାହୁ, ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ବିରାଜ ପ୍ରସନ୍ନ ଶତପଥୀ, ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଭାସି ମାଧ୍ୟମରେ ଉଦ୍‌ବୋଧନ ଦେଇ କହିଲେ, ଏହି ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ହେବା ଦ୍ୱାରା କିପରି ପେପରଲେସ କୋର୍ଟ କାର୍ଯ୍ୟ ଅଧିକରୁ ଅଧିକ ହେବ ସେ ନେଇ ଏଠାରେ ଜୁଡିସିଆଲ ଅଫିସରମାନଙ୍କୁ ତାଲିମ ଦିଆଯିବ। ବ୍ରହ୍ମପୁରରେ ଖୋଲିଥିବା ଆଞ୍ଚଳିକ ଜୁଡିସିଆଲ ଏକାଡେମୀରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ନୟାଗଡ଼ ଆଦି ଜିଲାର ଜୁଡିସିଆଲ ଅଫିସରମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁରସ୍ଥିତ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଉଦ୍‌ଘାଟନ ବେଳେ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଦେବବ୍ରତ ଦାସ, ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ରେଜିଷ୍ଟ୍ରାର ସୁଶାନ୍ତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କୋର୍ଟର ବିଚାରପତି ଓ ଗଞ୍ଜାମ ଓକିଲ ସଂଘ ସଭାପତି ମିନତୀ ରଥ, ସମ୍ପାଦକ ଶିବ ନାରାୟଣ ସାହୁ ସହସମ୍ପାଦକ ତାପସ କୁମାର ସାହୁ, ଉପସଭାପତି ଭି. ଚନ୍ଦ୍ର ଶେଖରଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଏହାସହ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ଶ୍ରବଣା ବିବେକ ଏମ୍. ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘରୁ ୭ଭରି ସୁନାଗହଣା, ରୁପା ଚୋରି

ବ୍ରହ୍ମପୁର ଅଫିସ,୧୩ା୫: ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନୂଆ ଖଜୁରିଆସ୍ଥିତ ରଘୁନାଥନଗରରେ ରହୁଥିବା ଅନନ୍ତ ରାମ ପ୍ରଧାନଙ୍କ ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ରୁପା ଚୋରି ହୋଇଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ଲୁଟେରାଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏପରିକି ଉକ୍ତ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଅନନ୍ତ ରାମ ରଘୁନାଥନଗରରେ ପରିବାର ସହ ରହୁଛନ୍ତି। ଶୁକ୍ରବାର କୌଣସି କାର୍ଯ୍ୟରେ ସେ ଘରେ ତାଲା ପକାଇ ଯାଇଥିଲେ। ଶନିବାର ସକାଳୁ ଘରକୁ ଫେରି ଦେଖିବା ବେଳେ ଘରର ଗ୍ରୀଲ ତାଲା ଭଙ୍ଗା ଯାଇ ଆସବାବପତ୍ର ଫିଙ୍ଗାଫୋପଡା ହୋଇ ପଡ଼ିଥିଲା। ଆଲମିରା ଭଙ୍ଗା ଯାଇଥିବା ବେଳେ ସେଥିରେ ଥିବା ଗୋଟିଏ ସୁନାହାର, ସୁନା ଲକେଟ ସମେତ ପ୍ରାୟ ୭ଭରି ସୁନା, କିଛି ରୁପା ଓ ଘରର ଦସ୍ତାବିଜ ଗାଏବ ହୋଇଯାଇଥିଲା। ପରେ ସେ ଗୋଷାଣୀନୂଆଗାଁ ଥାନାରେ ଏନେଇ ଅଭିଯୋଗ କରିଛନ୍ତି।

# ଗଞ୍ଜାମ କଂଗ୍ରେସ ପାଳିଲା କର୍ଣାଟକ ବିଜୟ ଉତ୍ସବ

ବ୍ରହ୍ମପୁର ଅଫିସ,୧୩ା୫

କର୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ହୋଇଛି। ତେଣୁ ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ବ୍ରହ୍ମପୁରରେ ବିଜୟ ଉତ୍ସବ ପାଳନ କରାଯାଇଛି। ବାପୁଜୀ ଆଶ୍ରମଠାରେ ଦଳ ନେତା ଓ କର୍ମୀଙ୍କ ସମାବେଶ ହୋଇଥିଲା। ବାଣ ଫୁଟାଇ ଓ ମିଠା ବାଣ୍ଟି କର୍ଣାଟକ ଜନମତକୁ ସ୍ୱାଗତ କରିଥିଲେ। ପ୍ରଦେଶ କଂଗ୍ରେସ ମୁଖପାତ୍ର ପୀତବାସ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା କଂଗ୍ରେସ ଉପସଭାପତି ମହେଶ୍ୱର ପାତ୍ର, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ବନଜା ପଣ୍ଡା, ବ୍ରହ୍ମପୁର ନଗର କଂଗ୍ରେସ ସଭାନେତ୍ରୀ ସୁବାସିନୀ ପଟ୍ଟନାୟକ, କୃଷକ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀମରାଜୁ ରେଡ୍ଡୀ, ଶଙ୍କର ଅଧିକାରୀ, ସନାତନ ସାହୁ, ଦଣ୍ଡପାଣି ପାତ୍ର, ଗୀତାଞ୍ଜଳି ସାହୁ, ରୀନା ନାୟକ, ରଞ୍ଜିତ ମୁନି, ବୈଜୟନ୍ତୀ ମାଳା ସାହୁ, ଶର୍ମିଳା ଚର୍ଚ୍ଚି ଓ ବିଶ୍ୱନାଥ ରଣାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ।

# ନାଟକ ନଷ୍ଟ ରାଗିଣୀ ଦର୍ଶକଙ୍କ ମନ ମୋହିଲା


ମଞ୍ଚସ୍ଥ ନାଟକ ନଷ୍ଟ ରାଗିଣୀର ଦୃଶ୍ୟ।

ବ୍ରହ୍ମପୁର ଅଫିସ,୧୩ା୫

ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ଉପସ୍ଥାପନ ଭାବେ ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂସ୍ଥା ପକ୍ଷରୁ ଶନିବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ନାଟକ 'ନଷ୍ଟ ରାଗିଣୀ' ମଞ୍ଚସ୍ଥ ହୋଇଛି। ନାଟକରେ ପ୍ରେମ ଚିରନ୍ତନ ଓ ପ୍ରେମ ଶାଶ୍ୱତ ବୋଲି ଦର୍ଶାଯାଇଛି। ନାଟକଟି ରବି ନାରାୟଣ ବେହେରା ନିର୍ଦ୍ଦେଶନା ଦେଇଥିବା ବେଳେ କାହ୍ନୁ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକ ଓ ମାର୍ଗ ଦର୍ଶକ ଭାବେ ଶାଶ୍ୱତୀ ସଂସ୍ଥାର ସଭାପତି ରାମଚନ୍ଦ୍ର ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ। ସୁନୀଲ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ନାଟକରେ ପ୍ରଦୀପ ପଣ୍ଡା, ଗିରିଜା ଶଙ୍କର ଦାଶ, ରାଜେଶ ନାୟକ, ସାଗର ପଣ୍ଡା, ସରୋଜ ପଣ୍ଡା, ମନୋଜ ରଥ, ବଳରାମ ମାଳି, ଚନ୍ଦନ ପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ନାଟକ ପୂର୍ବରୁ ଆୟୋଜିତ ସଭାରେ ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ସମ୍ମାନିତ ଅତିଥି ଭବାନୀ ଶଙ୍କର ମିଶ୍ର, ରାଜୁ ପାଢ଼ୀ ଓ ରାମଚନ୍ଦ୍ର ସାସମଲ ଯୋଗ ଦେଇଥିଲେ। ଏହି ଅବସରରେ ନାଟକରେ ନାଟ୍ୟ ଗୁରୁ ରଶ୍ମି ରଞ୍ଜନ ବାରିକ ଓ ତାଙ୍କ ସହଯୋଗୀ ସତ୍ୟବାନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିଶୀଳ ନାଟ୍ୟ ଅନୁଷ୍ଠାନ ସମ୍ପାଦକ ସୁନୀଲ କୁମାର ସ୍ୱାଇଁ, ଡ. ମିହିର କୁମାର ତ୍ରିପାଠୀ ଓ ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଜଟିଳ ଅସ୍ତ୍ରୋପଚାର

ବ୍ରହ୍ମପୁର ଅଫିସ,୧୩ା୫

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ସର୍ଜରି ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଫୁଲବାଣୀର ମୃତ୍ୟୁଞ୍ଜୟ ପାତ୍ର(୪୫)ଙ୍କ ମଳ ଦ୍ୱାରରେ କୌଣସି କାରଣରୁ ଏକ ଲୁହା ପଶି ଯିବାରୁ ଅନ୍ତନଳୀ ଫାଟି ଯାଇଥିଲା। ଫଳରେ ତାଙ୍କ ପେଟ ଫୁଲି ଅବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ଗତ ୯ତାରିଖରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ସର୍ଜରି ବିଭାଗ ପ୍ରଫେସର ଶିବ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ପ୍ରାୟ ୩ଘଣ୍ଟା ଅସ୍ତ୍ରୋପଚାର ମୃତ୍ୟୁଞ୍ଜୟ ସୁସ୍ଥ ଥିବା ଜଣାପଡିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ନିଯୁକ୍ତି କେନ୍ଦ୍ର ପକ୍ଷରୁ ମହିଳାଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୩ା୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଓ ନିଯୁକ୍ତି କେନ୍ଦ୍ର ପକ୍ଷରୁ ବିଶ୍ୱବିଦ୍ୟାଳୟ ନୂତନ କନ୍‌ଫରେନ୍ସ ହଲଠାରେ ବିଶ୍ୱବିଦ୍ୟାଳୟ ମହିଳାଙ୍କ ନିମନ୍ତେ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ ପିଜି କାଉନସିଲ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଡ.ପୁଷ୍ପାଞ୍ଜଳି ସାମନ୍ତରାୟ ଓ ମୁଖ୍ୟ ବକ୍ତା ବିଶ୍ୱବିଦ୍ୟାୟର ଡ.ସାରଦା ପ୍ରସାଦ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ଅତ୍ୟାଧୁନିକ ଜ୍ଞାନକୌଶଳର ଆବଶ୍ୟକତା, ସଦୁପଯୋଗ ଓ ବିନିଯୋଗ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଏହା ସହ ଦକ୍ଷତା ଦ୍ୱାରା ଆଗାମୀ ଭବିଷ୍ୟତରେ ଏହା କିପରି ଦୃଢ ହୋଇପାରିବ ସେ ସମ୍ପର୍କରେ କୁଳପତି ଦାଶ କହିଥିଲେ। ନାରୀଙ୍କ ଆତ୍ମପ୍ରତିଷ୍ଠା ବୃଦ୍ଧି ସହ ସାମାଜିକ ଅଙ୍ଗୀକାର ନିମନ୍ତେ ଦକ୍ଷତା ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଯୁକ୍ତି ବିଭାଗ ସଂଯୋଜକ ଡ.ସୁମନ କଲ୍ୟାଣ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅତିଥିମାନେ ଚାରା ରୋପଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଶଶିରେଖା


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ସର୍ଭିସ ମହଙ୍ଗା ପଡ଼ିଲା

## ଦେଢ଼ ଲକ୍ଷ ଲୁଟିନେଲେ ସାଇବର ଠକ

ବ୍ରହ୍ମପୁର ଅଫିସ,୧୩ା୫

ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଜବ୍ ଖୋଜିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ସାଇବର ଠକଙ୍କ ହାବୁଡ଼ରେ ପଡ଼ି ୧ଲକ୍ଷ ୫୮ହଜାର ୮୩୧ଟଙ୍କା ଠକେଇ ଶିକାର ହୋଇଥିବା ଅର୍ଥନୈତିକ ଓ ଅପରାଧ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୯/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଳକାପୁରୀ ୨ଗଳିର ଯୁବକ ସୁଜିତ ପଣ୍ଡା ଗତ ଏପ୍ରିଲ୍ ୧୭ରେ ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଜବ୍ ଖୋଜି ଗୋଟିଏ ଲିଙ୍କ୍‌ରେ କ୍ଲିକ୍ କରିଥିଲେ। ପରେ ସେହି ଲିଙ୍କ୍‌ରୁ ତାଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଅନ୍‌ଲାଇନ୍ ଟାସ୍କ ପେଜରେ କିଭଳି ଟଙ୍କା ଲଗାଇ କମିସନ୍ ପାଇବେ ସେ ନେଇ ନିର୍ଦ୍ଦେଶ ଆସିଲା। ତଦନୁଯାୟୀ ସେ ପ୍ରଥମେ ୫ଶହ ଟଙ୍କା ଇନ୍‌ଭେଷ୍ଟ କରିବାରୁ ତାଙ୍କୁ ୫୦ଟଙ୍କା କମିସନ୍ ଆସିଥିଲା। ଏହାପରେ ପୁଣି ୧୦୦୦ଟଙ୍କା ଲଗାଇବାରୁ ୯୨ଟଙ୍କା କମିସନ୍ ସେ ପାଇଥିଲେ। ଏହାପରେ ଜଣେ ମହିଳା ହ୍ୱାଟ୍ସଆପରେ ଯୋଡ଼ି ହୋଇ ଦୀର୍ଘସମୟ ବାର୍ତ୍ତାଳାପ କରିବା ପରେ ୨୫୧୧୦ ଟଙ୍କା ଇନ୍‌ଭେଷ୍ଟ କଲେ ଦ୍ୱିଗୁଣିତ ଟଙ୍କା ଫେରି ପାଇବାକୁ କହିଥିଲେ। ସେହି ପରିମାଣର ଟଙ୍କା ଇଣ୍ଟରନେଟ୍ ବ୍ୟାଙ୍କିଂ ମାଧ୍ୟମରେ ପଠାଇବା ପରେ ତାହା ଫ୍ରିଜ୍ ହୋଇଯାଇଥିଲା। ସେହି ଟଙ୍କା ଆଉ ଯୁବକ ଜଣକ ଉଠାଇ ପାରି ନ ଥିଲେ। ପୁଣିଥରେ ମହିଳାଜଣଙ୍କ ତାଙ୍କୁ ଆଶ୍ୱାସନା ଦେଇ ଟଙ୍କା ତାଙ୍କର ସୁରକ୍ଷିତ ଥିବା କହି ୪୩,୨୨୨ଟଙ୍କାର କମିସନ୍ ମିଳିଥିବା ଦେଖାଇଥିଲେ। ପୁଣି ସେହି ମହିଳାଙ୍କ ନିର୍ଦ୍ଦେଶ ମୁତାବକ, ୪୩,୨୨୨ଟଙ୍କା ଇନ୍‌ଭେଷ୍ଟ କରିଥିଲେ। କିନ୍ତୁ ସେହି ଟଙ୍କା ଫ୍ରିଜ୍ ହୋଇଥିବା ଦେଖାଇଥିଲା। ଏହାମଧ୍ୟରେ ସନ୍ଧ୍ୟା ହୋଇଯିବାରୁ ୟୁପିଆଇ ଲିମିଟ୍ ମୁତାବକ ଆଉ ଟଙ୍କା ଦେଣନେଣ ହୋଇପାରି ନ ଥିଲା। କିନ୍ତୁ ସେହି ମହିଳା ଜଣଙ୍କ ତାଙ୍କର ଟଙ୍କା ସୁରକ୍ଷିତ ଥିବା କହିଥିଲେ। ପରଦିନ ଅର୍ଥାତ ଏପ୍ରିଲ ୧୮ତାରିଖ ସକାଳୁ ସେହି ମହିଳା ଜଣକ ୯୦,୪୯୯ ଟଙ୍କା ଇନ୍‌ଭେଷ୍ଟ କରିବାକୁ କହିଥିଲେ। ନଚେତ୍ କୌଣସି ଟଙ୍କା ଫେରସ୍ତ ମିଳିବନି ବୋଲି କହିଥିଲେ। ତେଣୁ ଯୁବକ ଜଣକ ପୁଣି ଦାବି ମୁତାବକ ଟଙ୍କା ପଠାଇଥିଲେ। କିନ୍ତୁ କିଛି ବି ଟଙ୍କା ଫେରସ୍ତ ଆସି ନ ଥିଲା। ଠକାମିର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଲାଞ୍ଜିପଲ୍ଲୀ ମା' ତାରାଦେବୀ ଯାତ୍ରା



ଷଷ୍ଠ ଦିବସରେ ଲାଞ୍ଜିପଲ୍ଲୀ ମା'ତାରାଦେବୀଙ୍କ ଘଟ ପରିକ୍ରମା କରାଯାଉଛି । ଦର୍ଶନ ଲାଗି ଆସିଥିବା ଶ୍ରଦ୍ଧାଳୁ ।

## ୬ଷ୍ଠ ଦିବସରେ ୧୧ ସାହି ପରିକ୍ରମା

ବ୍ରହ୍ମପୁର ଅଫିସ,୧୩ା୫

ବ୍ରହ୍ମପୁର ତାରାଦେବୀ ଠାକୁରାଣୀଙ୍କର ଶନିବାର ଯାତ୍ରାର ୬ଷ୍ଠ ଦିନ ପୂଜା ମଣ୍ଡପରେ ସନ୍ଧ୍ୟାରେ ୧୦୮ ଆଳତି କରାଯାଇଥିଲା। ଏଥିରେ ଶହ ଶହ ସଂଖ୍ୟକ ମହିଳା ଓ ପୁରୁଷଙ୍କ ସମାଗମ ହୋଇଥିଲା। ଅନ୍ୟପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମା'ଙ୍କ ଘଟ ପରିକ୍ରମାର ଦ୍ୱିତୀୟ ଦିବସରେ ଶନିବାର ୧୧ ସାହିରେ ଘଟ ପରିକ୍ରମା ହୋଇଥିଲା।

ପ୍ରଥମ ଦିନ ଶୁକ୍ରବାର ମଧ ମା' ସମାନ ସଂଖ୍ୟକ ସାହି ପରିକ୍ରମା କରିଥିଲେ। ଆଜି ସନ୍ଧ୍ୟାରେ ଶଙ୍ଖ, ମହୁରି, ବାଦ୍ୟ ବାଜଣା ଓ ମହିଳାଙ୍କ ହୁଳହୁଳି ଶବ୍ଦର ତାଳେ ତାଳେ ମା'ଘଟ ସାହି ପରିକ୍ରମା ନିମନ୍ତେ ବାହାରିଥିଲା। ଦେଶୀବେହେରା ବୋଲାଉଥିବା କୁନା ସାବତ ଘଟ ମୁଣ୍ଡାଇ ଥିଲେ। ରାଜାଘର ଭୋଗସାରି ପୂର୍ବ ଆଡୁଆ ସାହି, ଦକ୍ଷିଣ ରେଡ଼ିକା ସାହି, ଜଗନ୍ନାଥ ମନ୍ଦିର ଅତିକ୍ରମ କରି ଉଷାକୋଠୀ ମନ୍ଦିରଠାରୁ ପ୍ରତ୍ୟାବର୍ତ୍ତନ ହୋଇ ମେନ ରୋଡ଼, ହାଇସ୍କୁଲ ଛକ, ଦଣ୍ଡାସି ସାହି, ବାପୁଜୀନଗର ଓ ତଳ ଦଣ୍ଡାସିସାହି, ପୂର୍ବ ଅଡୁଆ ସାହି ପରେ ଶେଷରେ ବ୍ରାହ୍ମଣ ସାହି ଦେଇ ମା'ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସମସ୍ତଙ୍କ ଦାଣ୍ଡଦୁଆରେ ପୂଜାର୍ଚ୍ଚନା ହେବା ସହ ନିଜଘର ପାଖରେ ମା'ଙ୍କ ଦର୍ଶନ ହୋଇଥିଲା। ଠାକୁରାଣୀ ଯାତ୍ରା ପାଇଁ ଲାଞ୍ଜିପଲ୍ଲୀ ୩୬,୩୭ ଓ ୩୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ସମସ୍ତ ସାହିରେ ସୁନ୍ଦର ସୁନ୍ଦର ବିଭିନ୍ନ ରଙ୍ଗର ଆଲୋକ ମାଳା ଝଲସୁଥିବା ବେଳେ ବିଧି ପ୍ରକାରେ ମା' ତାରା ଦେବୀ ବାପଘର ଆସିଥିବାରୁ ଲାଞ୍ଜିପଲ୍ଲୀରେ ବିବାହିତ ଝିଅମାନେ ବାପଘରକୁ ଆସିବା ଆରମ୍ଭ ହୋଇଛି।

# ଗଞ୍ଜାମରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- ୧୨୭୭ ମାମଲାର ଆପୋସ ବୁଝାମଣା
- ୮.୨୧ କୋଟି ଟଙ୍କା ପ୍ରଦାନ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୩ା୫

ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶାନୁସାରେ ଓଡ଼ିଶା ପ୍ରାଧିକରଣ ସହଯୋଗରେ ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ୪ଟି ବେଞ୍ଚରେ ମୋଟ ୧୨୭୭ ବିଭିନ୍ନ ମାମଲା ସମାଧାନ କରାଯାଇ ୮କୋଟି ୨୧ ଲକ୍ଷ ୬୫ହଜାର ୮୮୦ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ପ୍ରକାରେ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ସହଯୋଗରେ ବ୍ରହ୍ମପୁରସ୍ଥିତ ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୮୪ ମୋଟରଯାନ ଦୁର୍ଘଟଣାଜନିତ ମାମଲାର ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୪ କୋଟି ୯୪ ଲକ୍ଷ ୩୨ ହଜାର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ୨୭ ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ୭୪ ଲକ୍ଷ ୯୨ ହଜାର ୫୪୬ ଟଙ୍କା ପୁନରୁଦ୍ଧାର କରାଯାଇଥିଲା। ଲୋକ ଅଦାଲତରେ ୮୦୭ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ବୁଝାମଣା କରାଯାଇ ୨୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ୪୪ ବିବାହ ସମ୍ପର୍କିତ ମାମଲାର ଆପୋସ ବୁଝାବଣା କରାଯାଇଥିଲା। ଏହି ଦମ୍ପତିମାନେ ପୁଣି ଥରେ ନିଜର ବୈବାହିକ ଜୀବନ ସୁଚାରରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ। ୨୨୧ ବ୍ୟାଙ୍କ ଲିଟିଗେଶନ କେସର ସମାଧାନ ହୋଇ ୨କୋଟି ୨୧ଲକ୍ଷ ୭୪ ହଜାର ୭୩୨ ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ୪୪ ଦେୱାନି ମାମଲାର ସମାଧାନ ହୋଇ ୯ଲକ୍ଷ ୧୬ ହଜାର ୬୦୨ ଟଙ୍କା ଆଦାୟ କରାଯାଇଛି। ୧୭ କ୍ରିମିନାଲ କମ୍ପାଉଣ୍ଡବେଲ କେସ୍‌ର ସମାଧାନ କରାଯାଇ ୧ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ଦ୍ୱିତୀୟ ଏମ୍‌ଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲା ଦୌରା ଜଜ୍(ଏଡିଜେ)- ୧ ଡା. ଇନ୍ଦୁ ଶର୍ମା, ଏଡିଜେ- ୩ ରାଜ କୁମାର ଦାଶ ମୋଟର ଦୁର୍ଘଟଣା ମାମଲା ସମାଧାନରେ ଅଂଶଗ୍ରହଣ କରିଥିଲେ। ସିଭିଲ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲା ଜଜ୍ କୋର୍ଟର ସମସ୍ତ ବିଚାରପତି ଏବଂ ଆଇନଜୀବୀ ଅଂଶ ଗ୍ରହଣ କରିଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି ।

